# ପରୀକ୍ଷା ବର୍ଜନୀୟ

ଆମ ଶିକ୍ଷାନୀତି ସମ୍ପର୍କରେ ବେଶ୍ କିଛି ଆଲୋଚନା ହୋଇଗଲାଣି । ଗତ ସପ୍ତାହରେ ସମ୍ବାଦର 'ତରଙ୍ଗ' ତରଫରୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ବ୍ୟବସ୍ଥା ଏବଂ ଆଜିର 'ଡିଗ୍ରୀ'ର ଉପାଦେୟତା ସମ୍ପର୍କରେ ପରୀକ୍ଷାମୂଳକ ଭାବେ ଏକ ଆଲୋଚନାର ସୂତ୍ରପାତ କରାଯାଇଥିଲା । ସୁଖର କଥା, ବହୁ ଅଭିଭାବକ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ଏବଂ ଏହି ଆଲୋଚନାଟିକୁ ଆଗେଇ ନେବାପାଇଁ ନିଜର ମତାମତ ଜଣାଉଛନ୍ତି । ସେହି ପ୍ରତିକ୍ରିୟାରୁ କିଛିଟା ଆଜି ଆମର ପାଠକମାନଙ୍କ ପାଇଁ ପତ୍ରସ୍ଥ କରିବୁ । ଏହି ଆଲୋଚନାଟିକୁ ଆଗେଇ ନେବାପାଇଁ ଆମେ ଆଜି ଯୁକ୍ତି କରିବାକୁ ଚାହୁଁ ଯେ ଆଜିର ବିଶ୍ୱବିଦ୍ୟାଳୟ ପରୀକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବର୍ଜନୀୟ । ଅନେକ ଏହାକୁ ଅବାନ୍ତର ଯୁକ୍ତି ବୋଲି ମନେକରି ପାରନ୍ତି । ବ୍ୟବସ୍ଥା ସବୁବେଳେ ରକ୍ଷଣଶୀଳ ଏବଂ ଏହା ବିରୁଦ୍ଧରେ କୌଣସି ଯୁକ୍ତି ହଠାତ୍ ଗ୍ରହଣଯୋଗ୍ୟ ହୁଏନାହିଁ । ତଥାପି ଆମର ଯୁକ୍ତି ହେଲା, ଆଜିର ବିଶ୍ୱବିଦ୍ୟାଳୟ ପରୀକ୍ଷା ଗୁଡ଼ିକର କେବଳ କାଗଜ–ଡିଗ୍ରୀ ତିଆରି ଛଡ଼ା ସେପରି କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନାହିଁ । ଚାକିରିରୁ ଡିଗ୍ରୀର ସମ୍ପର୍କକୁ ଛିନ୍ନ କରିବା କଥା କୁହାଯାଉଛି ସିନା, ଏମାନଙ୍କ ମଧ୍ୟରେ ସେପରି କୌଣସି ସମ୍ପର୍କ ଥିଲାପରି ଆମେ ମନେ କରୁନାହୁଁ । ସର୍ବୋଚ୍ଚ 'ଭାରତୀୟ ପ୍ରଶାସନିକ ସେବା'ଠାରୁ ଆରମ୍ଭକରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଚାକିରି ପର୍ଯ୍ୟନ୍ତ ସବୁ ଚାକିରିପାଇଁ ଅଲଗାରେ ଲେଖାଏଁ ପରୀକ୍ଷା ଦେବାପାଇଁ ପଡ଼ୁଛି । ଏହାପୂର୍ବରୁ ଯେତେସବୁ ପରୀକ୍ଷା ଦିଆହୋଇଛି ଏବଂ ଯେଉଁସବୁ ଡିଗ୍ରୀ ମିଳିଛି, ସେଗୁଡ଼ିକର କୌଣସି ମୂଲ୍ୟ ରହୁନାହିଁ । ବିଶ୍ୱବିଦ୍ୟାଳୟ ସ୍ତରରେ ପରୀକ୍ଷାଦେଇ ହାସଲ କରିଥିବା ଡିଗ୍ରୀଗୁଡ଼ିକର ଯଦି ସେପରି କୌଣସି ମୂଲ୍ୟ ନାହିଁ, ତେବେ ସେଗୁଡ଼ିକୁ ହାସଲ କରାଇବାରେ ଅଯଥା ଏତେ ସମୟ ଏବଂ ଅର୍ଥ ଖର୍ଚ୍ଚ କରିବାରେ କୌଣସି ଯୁକ୍ତି ମଧ୍ୟ ନାହିଁ । ତା' ଛଡ଼ା ଏତେ ସମୟ ଓ ଅର୍ଥର ଖର୍ଚ୍ଚ ସତ୍ତ୍ୱେ ଏ ବ୍ୟବସ୍ଥାଟି କାହାରିଦ୍ୱାରା ଗ୍ରହଣଯୋଗ୍ୟ ହୋଇପାରୁନାହିଁ । ବିଶ୍ୱବିଦ୍ୟାଳୟ ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏହା ଏପରି ଏକ ବ୍ୟବସ୍ଥା, ଯେଉଁଥିରେ କେହି ସନ୍ତୁଷ୍ଟ ବା ଲାଭାନ୍ୱିତ ହେଲାପରି ଜଣାପଡ଼ୁନାହିଁ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାରେ ଉଚିତ ମୂଲ୍ୟାୟନ ହେଉନାହିଁ ବୋଲି ଅଭିଯୋଗଟା ଏକ ସାଧାରଣ କଥା ହୋଇଗଲାଣି । ପରୀକ୍ଷକମାନେ ଉଚିତ ପାରିଶ୍ରମିକ ମିଳୁନାହିଁ ବୋଲି ଅଭିମାନ କରି ଏହାକୁ ବାଧ୍ୟତାମୂଳକ ଏକ କର୍ତ୍ତବ୍ୟ ଭାବେ ଗ୍ରହଣ କରୁଛନ୍ତି ସିନା, ସେପରି କିଛି ଆନ୍ତରିକତା ବା ନିଷ୍ଠା ପ୍ରଦର୍ଶନ କରୁନାହାନ୍ତି । ଅଭିଭାବକ ଏବଂ ସମାଜର ଅନ୍ୟମାନେ ଯେଉଁମାନେ ଏହି ପରୀକ୍ଷା ବ୍ୟବସ୍ଥାକୁ ନିଯୁକ୍ତି, ମୂଲ୍ୟାୟନ ଏବଂ ସାମାଜିକ ପ୍ରତିଷ୍ଠାର ମାପକାଠି ବୋଲି ପ୍ରଥମରୁ ଭାବି ଆସିଥିଲେ, ସେମାନେ ମଧ୍ୟ ଧୀରେ ଧୀରେ ଏହାଉପରୁ ନିଜର ଆସ୍ଥା ହରାଇଲେଣି । ପୁଣି ବ୍ୟାପକ ଅସାଧୁତା, ପରିଚାଳନାଗତ ତ୍ରୁଟି ଏବଂ ପକ୍ଷପାତିତା ଓ ତୋଷରପାତର ନାନା ଅଭିଯୋଗ ବିଶ୍ୱବିଦ୍ୟାଳୟର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ଛଡ଼ା ପରୀକ୍ଷା ବ୍ୟବସ୍ଥା ପ୍ରତି କାହାରି ମନରେ ପତିଆରା ସୃଷ୍ଟି କରିପାରୁନାହିଁ । ଅଥଚ, ଆମ ଓଡ଼ିଶାରେ ତିନୋଟି ମୁଖ୍ୟ ବିଶ୍ୱବିଦ୍ୟାଳୟ ପରୀକ୍ଷା କରିବାପାଇଁ ପ୍ରତିବର୍ଷ ଅନ୍ୟୁନ ୩ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତିବର୍ଷ ୩ କୋଟି ଟଙ୍କା ଖର୍ଚ୍ଚ କରି ଏପରି ଏକ ବ୍ୟବସ୍ଥାକୁ ଚାଲୁ ରଖିବାରେ କୌଣସି ମାନେ ହୁଏନାହିଁ, ଯେତେବେଳେ ସୀମିତ ସମ୍ବଳ ଦୃଷ୍ଟିରୁ ଶିକ୍ଷାୟତନ ମାନଙ୍କରେ ଛାତ୍ରମାନଙ୍କପାଇଁ ନୂତନ ଅନୁଭବ ଆଣିଦେବା ନିମନ୍ତେ ଅର୍ଥର ସଙ୍କଟ ବରାବର ଲାଗିରହିଛି । ବରଂ ବର୍ତ୍ତମାନର ପ୍ରଚଳିତ ପରୀକ୍ଷା ବ୍ୟବସ୍ଥା ବଦଳରେ ଅଧ୍ୟାପକମାନଙ୍କ ନିଷ୍ଠା ଓ ଦାୟିତ୍ୱ ଉପରେ ନିର୍ଭର କରୁଥିବା ଏକ ଆଭ୍ୟନ୍ତରୀଣ ଏବଂ ସ୍ୱଳ୍ପ ବ୍ୟୟସାପେକ୍ଷ ମୂଲ୍ୟାୟନର ବ୍ୟବସ୍ଥା ପ୍ରଚଳନ କରାଗଲେ ସମ୍ବଳର ଯେଉଁ ସଞ୍ଚୟ କରାଯାଇପାରିବ ତାହା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ପରିବେଶକୁ ଅଧିକ ଗ୍ରହଣୀୟ ଏବଂ ଉପଯୋଗୀ କରି ତୋଳିବ । ଏହାଦ୍ୱାରା ଛାତ୍ର–ଅଧ୍ୟାପକ ସମ୍ପର୍କର ଗୁଣାତ୍ମକ ବିକାଶ ସଙ୍ଗେ ସଙ୍ଗେ ଆମର ସାମଗ୍ରିକ ସାଂସ୍କୃତିକ ଜୀବନର ବିକାଶ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ।

—ସୌମ୍ୟରଞ୍ଜନ ପଟ୍ଟନାୟକ